To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.235, ଭଦ୍ରକ, ସୋମବାର, ୨୬, ଫେବୃୟାରୀ ୨୦୧୮ ■ Bhadrak, Monday, 26 February 2018 Rs. 2.00 Pages-8


ରୁସ୍ତମ-୨'ର ପରୀକ୍ଷଣ ସଫଳ, ଶତ୍ରୁଙ୍କ ଉପରେ ନଜର ରଖିବା ସହିତ ଆକ୍ରମଣ ବି କରିପାରିବ ଏହି ଡ୍ରୋନ୍ ।



# ନେତାଙ୍କ ଆଶା ବଢ଼ାଇଲେ ନବୀନ



## ରାଜ୍ୟସଭା ରେସ୍

ଭୁବନେଶ୍ୱର, ୨୫।୨ (ସକାଳ ଖବର) : ଆସନ୍ତା ମାସରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ଲାଗି ସଠିକ ସମୟରେ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ରାଜନୈତିକ ପୃଷ୍ଠ ଭୂମି ଥିବା ବ୍ୟକ୍ତିଙ୍କୁ ଦଳୀୟ ପପ୍ରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଦୁଇ ଦିନିଆ ଦିଲ୍ଲୀ ଗସ୍ତ ଶେଷ କରି ଭୁବନେଶ୍ୱର ପହଂଚିବା ପରେ ଅପେକ୍ଷାରତ ସାମ୍ବାଦିକ ମାନଙ୍କର ଏ ସମ୍ପର୍କିତ ପ୍ରଶ୍ନର ଉତର ଦେଇ ଶ୍ରୀ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି । ସେ କହିଥିଲେ ଯେ ରାଜ୍ୟସଭାରେ ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ତିନି ଜଣ ଏମପି ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ, ଦିଲ୍ଲୀପ ତିର୍କୀ ଓ ଏଭି ସ୍ୱାମୀଙ୍କର କାର୍ଯ୍ୟକାଳ ଏପ୍ରିଲ ମାସରେ ଶେଷ ହେଉଛି । ଫଳରେ ତିନୋଟି ଆସନ ଖାଲି ହେବ । ଏଥିରେ ରାଜନୈତିକ ବ୍ୟକ୍ତି ମାନେ ପ୍ରାର୍ଥୀ ହେବେ । ଅନ୍ୟ ଏକ ପ୍ରଶ୍ନର ଉତର ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନିକଟରେ ଅନୁଷ୍ଠିତ ହୋଇଥିବା ବିଜେପୁର ଉପ ନିର୍ବାଚନ ଫଳାଫଳ ବିଜେଡି ସପକ୍ଷରେ ଯିବ । ବହୁ ବ୍ୟବଧାନରେ ବିଜେଡି (ପୃଷ୍ଠା-୭)

# ଆଜି ଶ୍ରୀଦେବୀଙ୍କ ଅନ୍ତିମ ସଂସ୍କାର

- ଅନୀଲ ଅମ୍ବାନୀ ପଠାଇଲେ ପ୍ରାଇଭେଟ୍ ଜେଟ୍
- ସମଗ୍ର ବଲିଉଡ୍ ସ୍ତବ୍ଧ



ମୁମ୍ବାଇ, ୨୫।୨: ନିଜର କୋଟି କୋଟି ପ୍ରଶଂସକଙ୍କ ସହିତ ବଲିଉଡ ଜଗତକୁ ଶୋକର ଛାୟାରେ ଭସାଇ ଦେଇ ଦୁନିଆରୁ ବିଦାୟ ନେଇଥିବା ଅଭିନେତ୍ରୀ ଶ୍ରୀଦେବୀଙ୍କ ମର ଶରୀର ମୁମ୍ବାଇ ପହଞ୍ଚିବାରେ ଆହୁରି ସମୟ ଲାଗିବ । ଭାରତୀୟ ଦୂତାବାସ ସ୍ଥାନୀୟ ଏଜେନ୍ସି ସହିତ ମିଶି କାମ କରୁଛନ୍ତି, ମାତ୍ର ଏ ପଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଯେ ମର ଶରୀର ଦୁବାଇ କେତେବେଳେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ । ପୋଷ୍ଟମର୍ଟମ ଶେଷ ହୋଇ ସାରିଛି, ମାତ୍ର ଅନିବାର୍ଯ୍ୟ କାନୁନ ପ୍ରକ୍ରିୟା ପୁରା ହେବା ବାକି ରହିଛି । ବଲିଉଡର ଚାନ୍ଦିନୀ ୫୪ ବର୍ଷ ବୟସରେ ଗତକାଲି ବିଳମ୍ବିତ ରାତ୍ରିରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସୂଚନା ମୁତାବକ ଶ୍ରୀଦେବୀଙ୍କ ମର ଶରୀର ଅନିଲ ଅମ୍ବାନୀଙ୍କ ପ୍ରାଇଭେଟ୍ ଜେଟରେ ମୁମ୍ବାଇ ଅଣାଯିବ । ଏହି ଜେଟ୍ ମୁମ୍ବାଇରୁ ଉଡାଣ ଭରି ସାରିଛି । ମିଡିଆ ରିପୋର୍ଟ୍ସ ମୁତାବକ ଶ୍ରୀଦେବୀଙ୍କ ପାର୍ଥିବ ଶରୀରର ସୋମବାର ଭୋର ସକାଳେ ଭାରତରେ ପହଞ୍ଚିବ ଏବଂ ଆସନ୍ତାକାଲି ମୁମ୍ବାଇର ଜୁହୁ ସ୍ଥିତ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର ହେବ । ବାଣିଜ୍ୟ ଦୂତାବାସ ସୂତ୍ର ମୁତାବକ ଫରେନ୍ସିକ ଏବଂ ଲ୍ୟାବ ରିପୋର୍ଟ୍ସ ପାଇଁ ଅପେକ୍ଷା କରାଯାଇଛି । ଏହା ପରେ ସ୍ୱଦେଶ ଯିବା ପ୍ରକ୍ରିୟା ଆରମ୍ଭ ହେବ । ଜଣେ ଅଧିକାରୀ କହିଛନ୍ତି ଯେ ଅଭିନେତ୍ରୀଙ୍କ ମରଶରୀର ବର୍ତ୍ତମାନ ଅଲ କୁସେସ ସ୍ଥିତ ପୋଲିସ ମୁଖ୍ୟାଳୟର ଶବଗୃହରେ ରଖାଯାଇଛି । ବାଣିଜ୍ୟଦୂତାବାସର ଜଣେ କର୍ମଚାରୀ ପରିବାର ସହିତ ଅଛନ୍ତି । ସୂଚନାନୁଯାୟୀ ଶ୍ରୀଦେବୀଙ୍କ ପାର୍ଥିବ ଶରୀର ଦର୍ଶନ ପାଇଁ ତାଙ୍କ ଲୋଖଣ୍ଡୱାଲା ବାସଭବନ ସମ୍ମୁଖରେ ଏବେଠାରୁ ଲୋକାରଣ୍ୟ (ପୃଷ୍ଠା-୭)

## ୯ରେ ବିଧାନସଭା ଘେରିବେ ଓଡ଼ିଶା ପ୍ରାଥମିକ ଶିକ୍ଷକ ଓ ଶିକ୍ଷା ସହାୟକ ସଂଘର ମାର୍ଚ୍ଚ

ଭୁବନେଶ୍ୱର, ୨୫।୨ (ସକାଳ ଖବର): ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ଭୁବନେଶ୍ୱରଠାରେ ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣନୀତିକୁ ସଂଘର ନେତୃବୃନ୍ଦ ତୀବ୍ର ନିନ୍ଦା କରିଛନ୍ତି। ସରକାର ଓଡ଼ିଶାରେ ପ୍ରଣୟନ କରିଥିବା ଶିକ୍ଷା ଅଧିକାର ଆଇନ୍‌କୁ କଡ଼ାକଡ଼ି କାର୍ଯ୍ୟକାରୀ ନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୋଷଣ କରୁଛନ୍ତି। ସରକାର ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ କରି ଠିକା ଚୁକ୍ତି ଓ ଶିକ୍ଷା ସହାୟକ ନିଯୁକ୍ତି ଶିକ୍ଷାକୁ ଧ୍ୱଂସ ଆଡ଼କୁ ଠେଲୁଛନ୍ତି। ଶିକ୍ଷକମାନଙ୍କଙ୍କ ସୁରକ୍ଷିତ ଚାକିରୀ ସର୍ତ୍ତାବଳୀ ଓ ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଦରମା ଦେଉନାହାଁନ୍ତି। ନୂତନ ପେନ୍‌ସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକମାନଙ୍କର ୬ଷ୍ଠ ବେତନ କମିଶନରେ ଧାର୍ଯ୍ୟ ହୋଇଥିବା ଦରମାକୁ ବାରମ୍ବାର ଦାବି ସତ୍ତ୍ୱେ ସଂଶୋଧନ ନ କରି ୭ମ ବେତନ କମିଶନରେ ଦରମା ଧାର୍ଯ୍ୟ କରାଯାଇଛି ଯାହାକି ଅନ୍ୟ ନିୟମିତ ଶିକ୍ଷକ (ପୃଷ୍ଠା-୭)

# ଆର.କେ. ଶର୍ମା କିଏ ?



## ଗିଫ୍ଟ ପ୍ୟାକେଟ୍ ବୋମା ବିସ୍ଫୋରଣ ଘଟଣା

ବଲାଙ୍ଗିର/କଟକ, ୨୫।୨ (ସକାଳ ଖବର): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ର ବ୍ରହ୍ମପୁରା ଗ୍ରାମରେ ଗତ ଶୁକ୍ରବାର ଘଟିଥିବା ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ପୋଲିସର ଛାନଭିନ୍ ଜାରୀ ରହିଛି । ୨ କେ.ଜି. ୧୦ ଗ୍ରାମ୍ ଓଜନ ବିଶିଷ୍ଟ ଏହି ପାର୍ସଲ ବୋମାଟି ଆର.କେ. ଶର୍ମା ନାମକ ବ୍ୟକ୍ତି ରାୟପୁରରୁ ସ୍କାଏ କିଙ୍ଗ କୋରିୟର୍ ଜରିଆରେ ପଠାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏହି ସୁରାକ୍ ମିଳିବା ପରେ ବୋମା ପାର୍ସଲକାରୀଙ୍କ ନିକଟରେ ପହଂଚିବା ତଥା ଆର. କେ. ଶର୍ମା କିଏ ତାହା ଜାଣିବାକୁ ପୋଲିସ ଉଦ୍ୟମ ଚଳାଇଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ବାବଦରେ ପୋଲିସ ମୃତକ ସୌମ୍ୟଙ୍କ ବାପାଙ୍କୁ ମଧ୍ୟ ପଚରା ଉଚୁରା କରୁଛି । ମାମଲାର ତଦନ୍ତ କରୁଥିବା ବଲାଙ୍ଗିର ପୋଲିସର ଦୁଇଟି ସ୍ୱତନ୍ତ୍ର ଟିମ୍ ରାଜ୍ୟ ବାହାରକୁ ଯାଇଥିବା ନେଇ ସୂଚନା ମିଳିଛି । ଅନ୍ୟପକ୍ଷରେ ଏହି ବୋମା

### ଏସସିବିରେ ପୀଡ଼ିତାଙ୍କ ଚିକିତ୍ସା ଆରମ୍ଭ

ବିସ୍ଫୋରଣରେ ଆହତ ନବବଧୂ ରୀନାରାଣୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଗତକାଲି ରାତିରେ ତାଙ୍କୁ ବୁର୍ଲା ମେଡିକାଲରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ରୀନାଙ୍କ ଶରୀରର ପ୍ରାୟ ୪୦ ପ୍ରତିଶତ ପୋଡି ଯାଇଛି । ତାଙ୍କ ମୁହଁ, ଛାତି, ଏବଂ ଡାହାଣ ହାତ ପୋଡି ଯାଇଛି । ତାଙ୍କୁ ସମ୍ପ୍ରତି ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ୩ ନଂ କ୍ୟାବିନ୍ ରେ ରଖାଯାଇଛି । ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ପ୍ରଫେସର ଡାକ୍ତର ଅନନ୍ଦା ପଟ୍ଟନାୟକ ତାଙ୍କର ଚିକିତ୍ସା କରୁଛନ୍ତି । ଆଖି, କାନ ଓ ଅନ୍ୟାନ୍ୟ ବିଭାଗର ଡାକ୍ତରମାନେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ପରେ ତାଙ୍କର ଚିକିତ୍ସା ଆରମ୍ଭ ହେବ । ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ହସ୍ପିଟାଲ ବହନ କରିବ ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି । ପ୍ରକାଶ ଥାଉକି, ବ୍ରହ୍ମପୁରାର ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁଙ୍କ ପୁଅ ସୌମ୍ୟଶେଖରଙ୍କ ବିବାହ ଗତ ୧୮ ତାରିଖରେ ହୋଇଥିଲା । ୨୦ ତାରିଖରେ ରିସେପସନ ଭୋଜି ମଧ୍ୟ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଥିଲା । ୨୩ ତାରିଖରେ ପାର୍ସଲରେ ଆସିଥିବା (ପୃଷ୍ଠା-୭)

# ବ୍ୟୟବହୁଳ ହୋଇପଡ଼ିଛି ନିର୍ବାଚନ

- ନିର୍ବାଚନରେ ଅର୍ଥର ଗୁରୁତ୍ୱ ବଢ଼ିଯାଇଛି : ନରସିଂହ
- ମହାତ୍ମାଗାନ୍ଧୀ ବି ଯଦି ନିର୍ବାଚନରେ ଛିଡ଼ା ହୋଇଥାନ୍ତେ ଟଙ୍କା ନଥିଲେ ହାରିଥାନ୍ତେ : ମହେଶ୍ୱର

ଭୁବନେଶ୍ୱର, ୨୫।୨ (ସକାଳ ଖବର): ସଦ୍ୟ ସମାପ୍ତ ହୋଇଥିବା ବିଜେପୁର ନିର୍ବାଚନ ମଣ୍ଡଳୀର ଉପନିର୍ବାଚନରେ ଟଙ୍କା ଉଡ଼ିଥିଲା । ଯାହାଫଳରେ ବିଜେଡ଼ି ଦଳକୁ ବିଶେଷ ଭାବେ ସହାୟକ ହୋଇଛି ବୋଲି ବିରୋଧି ଦଳର ନେତା ନରସିଂହ ମିଶ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନରେ ଯେଉଁଭଳି ଭାବରେ ଦୁର୍ନୀତି ହେଉଛି ଏହାର ମୂଳପ୍ତାଟନ କରିବାକୁ ହେଲେ ନିର୍ବାଚନ ଆଇନର ପରିବର୍ତ୍ତନ ହେବା ନିହାତି ଜରୁରୀ । ଲୋକଙ୍କ କହିବା ଅନୁଯାୟୀ ଏହି ନିର୍ବାଚନରେ ଭୋଟ ପିଛା ୫ ହଜାର ଟଙ୍କା ଲେଖାଏଁ ମିଳିଥିଲା, ଆପଣ କେତେ ଦେବେ ବୋଲି ଲୋକମାନେ ପ୍ରଶ୍ନ କରିଥିଲେ । ଯଦି ଏହା ସତ୍ୟ ହୋଇଥାଏ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୨୫ ହଜାରଙ୍କ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଥିବ ତାହା ଅନୁମାନ କରାଯିବା ଦରକାର । ସାମ୍ପ୍ରତିକ ନିର୍ବାଚନରେ ଅର୍ଥର ଗୁରୁତ୍ୱ ବଢ଼ିଯାଇଛି । କୋଟିଏ, ଦୁଇକୋଟି କି ଦଶ କୋଟି ଖର୍ଚ୍ଚ ହେଉନାହିଁ । ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ ଯେ, ଟଙ୍କା ନ ଥିଲେ ଭୋଟ ମିଳେ ନାହିଁ । ଏପରିକି ମହାତ୍ମାଗାନ୍ଧୀ ବି ଯଦି ନିର୍ବାଚନରେ (ପୃଷ୍ଠା-୭)

## ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨ ଯବାନ ଗୁରୁତର

ମାଲକାନଗିରି, ୨୫।୨ (ସକାଳ ଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ଅନ୍ତର୍ଗତ ଦୁବେର ଜଙ୍ଗଲରେ ଆଜି ସର୍ଚ୍ଚ ଅପରେସନରେ ସିଏଏଫର ଯବାନମାନେ ଚାଲି ଚାଲି ଯାଉଥିବା ବେଳେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରି ପୋତିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା । ଏଥିରେ ଦୁଇ ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ନିମନ୍ତେ ବିଜାପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଆହତ ଦୁଇ ଯବାନଙ୍କ ନାମ ମିଳିପାରିନାହିଁ । ବିସ୍ଫୋରଣ ପରେ ସମ୍ପୃକ୍ତ ଅଂଚଳରେ ତଲାସୀ ଅଭିଯାନକୁ ଜୋରଦାର୍ କରାଯାଇଛି ।

## ବାହାରେ ମଳତ୍ୟାଗ କଲେ ୫୦ ଟଙ୍କା ଜରିମାନା

ଭୁବନେଶ୍ୱର, ୨୫।୨ (ସକାଳ ଖବର): ସ୍ମାର୍ଟସିଟି ଭୁବନେଶ୍ୱର ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଏହି କ୍ରମରେ ସହରକୁ କିପରି ଅଧିକ ସଫାସୁତରା ରଖା ଯାଇପାରିବେ ସେଥିପ୍ରତି ବେଶ ଯନ୍‌ବାନ ହୋଇଛି ବିଏମସି । ରାଜଧାନୀକୁ ୨୦୧୯ ସୁଦ୍ଧା ବାହାରେ ମଳତ୍ୟାଗ ମୁକ୍ତ (ଓଡିଏଫ୍) ସହର କରିବାକୁ ବିଏମସି ଟାର୍ଗେଟ ରଖିଛି । ହେଲେ ଏହି ଟାର୍ଗେଟ୍ ହାସଲ ହେବା ଭଳି ଆଜି ପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇ ପାରିଲାନି । କିପରି ଏହି ଟାର୍ଗେଟ୍ ହାସଲ ହେବ ଏବଂ ଭୁବନେଶ୍ୱରକୁ ବାହାରେ ମଳତ୍ୟାଗ ମୁକ୍ତ ଅଞ୍ଚଳ କରିବ ସେଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି ବିଏମସି । ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀର ୧୩ଟି ୱାର୍ଡକୁ ସଂପୂର୍ଣ୍ଣ ବାହାରେ (ପୃଷ୍ଠା-୭)

# ଏମ୍ସରୁ କାଶ୍ମୀର ଛାତ୍ର ନିଖୋଜ୍



ଭୁବନେଶ୍ୱର, ୨୫।୨ (ସକାଳ ଖବର): ଭୁବନେଶ୍ୱର ଏମ୍ସରୁ କାଶ୍ମୀର ଛାତ୍ର ନିଖୋଜ୍ । ୧୫ ଦିନ ହେଲା ମିଳୁନି ଡାକ୍ତରୀ ଛାତ୍ରଙ୍କ ଟେର । ଚଣ୍ଡିଗଡ଼ ଯାଉଥିବା କହି ଆଉ ଫେରି ନାହାଁନ୍ତି ଏମ୍ସ ଛାତ୍ର ସୋହେଲ । ଏନେଇ ଖଣ୍ଡଗିରି ଥାନାରେ ରିପୋର୍ଟ ହୋଇଥିବା ବେଳେ ତନାଘନା ଆରମ୍ଭ କରିଛି ପୁଲିସ । ପୁଲିସ ସୂଚନା ଅନୁସାରେ କୋଲକତାଠାରେ ତାଙ୍କ ମୋବାଇଲ ବନ୍ଦ ହୋଇଛି । ଗୋଟିଏପଟେ ପୁଲିସ୍ ସୋହେଲଙ୍କ ଟେର ପାଉନଥିବା ବେଳେ ନିଖୋଜ୍ ଘଟଣାକୁ ନେଇ ସନ୍ଦେହ ବିବାରେ ଲାଗିଛି । ସୋହେଲ୍ ଏଜାଜ୍ । ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ର । ଘର କାଶ୍ମିରୀ କୋପାନା ଜିଲ୍ଲାର ଚୌକିବାଲ୍ ଅଂଚଳର ମର୍ସାରୀ ଗ୍ରାମରେ । ସୋହେଲ ଭୁବନେଶ୍ୱରର ଏମସରେ ଦ୍ୱିତୀୟ ବର୍ଷର ଏମବିବିଏସ ଛାତ୍ର । ୨ ସପ୍ତାହ ପୁର୍ବରୁ ଫେବୃୟାରୀ ୯ ତାରିଖରୁ ନିଖୋଜ ହୋଇଗଲେ ସୋହେଲ୍ । ଚଣ୍ଡିଗଡରେ ବାହାଘର ଅଛି କହି ହଷ୍ଟେଲରୁ ବାହାରକୁ ଗଲେ କିନ୍ତୁ ଆଉ ଫେରିଲେ ନାହିଁ । ତେବେ ସୋହେଲଙ୍କ ହଷ୍ଟଲ ରୁମରୁ ତାଙ୍କ ହାତଲେଖା ଚିଠି ପୁଲିସ ହାତରେ ଲାଗିଛି । ଏଥିରେ ସୋହେଲ ଲେଖିଥିଲେ ୧୭ ତାରିଖ ସଂଧ୍ୟାରେ ଫେରି ଆସିବେ । ହେଲେ ନଫେରିବାରୁ କେଲଜ ତରଫରୁ ଖଣ୍ଡଗିରି ଥାନାରେ ରିପୋର୍ଟ ଦିଆ ଯାଇଥିଲା । କାଶ୍ମୀରରୁ ଆସି ଭୁବନେଶ୍ୱର ଏମ୍‌ସରେ ପାଠ ପଢୁଥିବା ଏହି ଡାକ୍ତରୀ ଛାତ୍ରଙ୍କୁ ପୁଲିସ ଖୋଜିବା ପାଇଁ ଯେତିକି ତନାଘନା କରୁଛି - ସେତିକି ନୂଆ ନୂଆ ତଥ୍ୟ ସାମନାକୁ ଆସିବାରେ ଲାଗିଛି । ମୋବାଇଲ କଲ୍ ଟ୍ରାକିଙ୍ଗରୁ ଜଣା ପଡିଛି କୋଲକାତାର ହାଓଡା ଠାରେ ତାଙ୍କ ମୋବାଇଲ ବନ୍ଦ ରହିଛି । ହାଓଡାରୁ ସେ କୁଆଡେ ଯାଇଛନ୍ତି ତାର କିଛି ପତ୍ତା ମିଳୁନି । ତେବେ ହାଓଡାରୁ ସୋହେଲ କୁଆଡେ ଯାଇଥାଇ ପାରନ୍ତି ସେନେଇ, କୋଲକାତା ପୁଲିସ ସହ ଯୋଗାଯୋଗରେ ଅଛି ଓଡିଶା ପୁଲିସ । ମିଳିଥିବା ସୂଚନାନୁସାରେ, ହାଓଡା ଷ୍ଟେସନରେ ସିସିଟିଭି ଫୁଟେଜର ଯାଂଚ ଚାଲିଛି । ଆଉ ସିସିଟିଭି ଫୁଟେଜ ଆସିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।



ପଣ୍ଡିଚେରୀର ଶ୍ରୀମା ଅରବିନ୍ଦ ଆଶ୍ରମରେ ପ୍ରଧାନମନ୍ତ୍ରୀ



ଦ୍ୱାର୍କାମାଇ ନିଜ ସନ୍ତାନକୁ ସବୁପ୍ରକାର ଅସୁବିଧା ଏବଂ ଚିନ୍ତାରୁ ଦୂର ରଖନ୍ତି ସବ୍‌କା ମାଲିକ୍ ଏକ୍ ।



ହୁଣ୍ଡିର ଆୟ (୨୪.୨.୧୮)
୨, ୨୪, ୯୪୪

## ଏସ୍‌ସିବିରେ ଛାତ୍ର ଆନ୍ଦୋଳନ

ଭୁବନେଶ୍ୱର, ୨୫।୨ (ସକାଳ ଖବର):- କଟକ ଏସସିବି ମେଡିକାଲ କଲେଜର ୟୁରୋଲୋଜି ପ୍ରଫେସରଙ୍କ ମନୋମୁଖି କାରବାରର ପ୍ରତିବାଦରେ ପିଜି ଛାତ୍ର ମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ଆନ୍ଦୋଳନକୁ ହାଉସ ସର୍ଜନ ଓ ରେସିଡେନସିଆଲ ଡାକ୍ତର ମାନେ ସମର୍ଥନ ପ୍ରଦାନ କରିଛନ୍ତି । ଏହା ଫଳରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି । ସଂପୃକ୍ତ ପ୍ରଫେସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଚାଲୁ ରହିବ ଓ ଏଥି ପାଇଁ ଯେଉଁ ପରିସ୍ଥିତି ଉତ୍ପନ୍ନ ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନକାରୀ ମାନେ କହିଛନ୍ତି । ରୋଗୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ସମସ୍ୟା ସମାଧାନ କରିବା ଲାଗି ସରକାର ହସ୍ତକ୍ଷେପ କରିବାକୁ ରୋଗୀ ମାନଙ୍କ ପକ୍ଷରୁ ଦାବି କରିଛନ୍ତି ।

# ବାର୍ଡ ଫ୍ଲୁ ଆତଙ୍କ



## ୨୪ ଜଣିଆ ଟିମର କୁକୁଡା ମରା ଅଭିଯାନ ଆରମ୍ଭ

ଜଗତସିଂହପୁର,୨୫।୨ (ସକାଳ ଖବର): ପାରାଦୀପରେ ବାର୍ଡ ଫ୍ଲୁ ଆତଙ୍କ ଦେଖାଯାଇଥିବା ବେଳେ ଆଜି ଠାରୁ ପ୍ରଶାସନ ପକ୍ଷରୁ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଯାଇଛି । ଏହି କୁକୁଡ଼ା ମରା ଅଭିଯାନ ପାଇଁ ଗଠନ ହୋଇଛି ୨୪ ଜଣିଆ ଟିମ୍ । ବାର୍ଡ ଫ୍ଲୁ ନେଇ ପାରାଦୀପ ସହରର ବିଭିନ୍ନ କୁକୁଡା ଫାର୍ମ, ଦୋକାନକୁ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ପାରାଦୀପ ଓ ଷଣ୍ଢକୁଦ ଅଞ୍ଚଳରୁ ସଂଗୃହିତ କାଉ, ବତକ ଓ କୁକୁଡାର ନମୁନାରୁ ବାର୍ଡ ଫ୍ଲୁ ଭୂତାଣୁ ମିଳିଛିଛ ତେଣୁ ପାରାଦୀପ ପୌରାଞ୍ଚଳ ଓ ଏହାର ଆଖପାଖ ୧ କିଲୋମିଟର ବ୍ୟାସାର୍ଦ୍ଧ ଭିତରେ ଥିବା କୁକୁଡ଼ା ଓ ବତକ ମାନଙ୍କର ମାଂସ ଅଣ୍ଡା ନଖାଇବା ପାଇଁ ପରାମର୍ଶ ଦିଆଯାଇଛି । ଫଳରେ ଏହାକୁ ନେଇ ସହରରେ କୋକୁଆ ଭୟ ସୃଷ୍ଟି ହୋଇଛିଛ ଦୀର୍ଘ ୧ ମାସ ହେବ ଏହି ଅଞ୍ଚଳରେ କାଉ ମଡକ ଦେଖାଯାଇଥିବା ବେଳେ ପ୍ରାଶାସନର ଏବେ ନିଦ ଭାଙ୍ଗିବା ନେଇ ଅନେକ ଚର୍ଚ୍ଚା ଆରମ୍ଭ ହୋଇଛି ।

# ଚିଲିକାରେ ବଢ଼ିଛନ୍ତି ଡଲଫିନ

ଭୁବନେଶ୍ୱର, ୨୫।୨ (ସକାଳ ଖବର): ଚିଲିକାର ସାତପାରେ ଆଉ ସୀମିତ ହୋଇ ରହିନାହାନ୍ତି ଇରାୱାଡ଼ି ଡଲଫିନ୍ । ଘେରି ଉଚ୍ଛେଦ ହେବା ପରେ ସମଗ୍ର ଚିଲିକାରେ ଏହି ପ୍ରଜାତି ତାର ବିଚରଣ ଆରମ୍ଭ କରିଦେଇଛନ୍ତି । ରମ୍ଭା ନାସୀ ଓ ଅନ୍ୟାନ୍ୟ ଅଂଚଳରେ ଇରାୱାଡ଼ି ସଂଖ୍ୟା ବଢିଥିବା ଜଣାଯାଇଛି । ଚିଲିକା ଘେରିମୁକ୍ତ ହେବା ପରେ ଶନିବାର ପ୍ରଥମ ଥର ପାଇଁ ବାର୍ଷିକ ସର୍ବେକ୍ଷଣରୁ ଏ ତଥ୍ୟ ହସ୍ତଗତ ହୋଇଛି । ଘେରି ଉଚ୍ଛେଦ ହେବା ପରେ ଶନିବାର ଚିଲିକାରେ ୧୫୫ଟି ଲଫିନକୁ ଦେଖିବାକୁ ମିଳିଛି । ଚଳିତ ବର୍ଷ ଗଣନା ସମୟରେ ୧୫୨ ସଂଖ୍ୟା ଥିବା ଜଣାଯାଇଥିବା । ଚିଲିକା ଘେରିମୁକ୍ତ ହେବା ପରେ ଡଲଫିନଙ୍କ ସହିତ ପକ୍ଷୀ ସଂଖ୍ୟା ମଧ୍ୟ ବଢିଛି । ଶୀତଋତୁରେ ଚିଲିକାକୁ ଆସୁଥିବା ବହିରାଗତ ପକ୍ଷୀମାନଙ୍କ ମଧ୍ୟରୁ ଅନେକ ପ୍ରଜାତିର ପକ୍ଷୀମାନେ ଚିଲିକାରୁ ବିଦାୟ ନନେଇ ରହିଥିବା ଜଣାଯାଇଛି । ୧୯୮୫ ମସିହାରେ ଚିଲିକାରୁ ଏକ ପ୍ରକାର ବିଦାୟ ନେଇଯାଇଥିବା ସ୍ୱଞ୍ଚ ଜାତୀୟ ଦଳଜ ପ୍ରାଣୀ ପୁଣି ଚିଲିକାକୁ ଫେରିଆସିଛି । ଚିଲିକାରେ ପ୍ରଥମଥର ପାଇଁ ସିଏ ପକ୍ଷରୁ ଆୟୋଜିତ ବାର୍ଷିକ ତଦାରଖ କାର୍ଯ୍ୟ ଶନିବାର ଆୟୋଜିତ ହୋଇଥିଲା । ଏଥିରେ ୨୮ଟି ଦଳ ଭାଗ ନେଇଥିଲେ ଛ ହ୍ରଦରେ ୧୫୨.୫ ବର୍ଗ କିମି ଅଂଚଳ ଘେରିମୁକ୍ତ ହେବା ପରେ ଏକ ବଧରଣର ପରିବର୍ତ୍ତନ ଘଟିଥିବା ସେମାନେ ମତପୋଷଣ କରିଛନ୍ତି ।

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**